# ପିଲାଙ୍କ ଧରିତ୍ରୀ

ଶନିବାର, ୨୪ ନଭେମ୍ବର, ୨୦୧୮





୩ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଆରଡ଼ି ଛକ, ଭଦ୍ରକ



୪ ତୁମ ତୂଳୀରୁ



୬ କବିତା

ପ୍ରତିଭା



୭ ଜଣା -ଅଜଣା



## ମତାମତ

- ଗଳ୍ପ ବିଭାଗରେ ସ୍ଥାନିତ 'ଦୀପର ପର୍ବ ଦୀପାବଳି'ରୁ ବାଣ ଫୁଟାଇ ପରିବେଶ ଦୂଷିତ କରିବା ଉଚିତ ନୁହେଁ ବୋଲି ଜାଣିବାକୁ ମିଳିଲା । କବିତା ବିଭାଗରେ ସ୍ଥାନିତ 'ସେ ହିଁ ମଣିଷରେ ଗଣା'ରୁ ପ୍ରକୃତ ମଣିଷପଣିଆ ବିଷୟଟି ବାସ୍ତବରେ ହୃଦୟସ୍ପର୍ଶୀ । ଖିଲିଖିଲି ହସ ପଢି ଖୁବ୍ ହସିଲି ।
  – ପ୍ରଶାନ୍ତ କୁମାର ରାଉଳ, ଜଳେଶ୍ୱର, ବାଲେଶ୍ୱର
- ସୁଉଚ୍ଚ ସୁଇମିଂ ପୁଲ୍ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା । ୩୮ ମହଲା ବିଶିଷ୍ଟ ଏହି ସୁଇମିଂ ପୁଲ୍‌ର ଦୃଶ୍ୟ ବାସ୍ତବରେ ଉପଭୋଗ କରିବାର ସ୍ଥାନ ।
  – ପ୍ରମୋଦ କୁମାର ବାରିକ୍, ପଲ୍ଲାହାଟ, ଖୋର୍ଦ୍ଧା
- କହିଲ ଦେଖି ସ୍ତମ୍ଭର ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ମଜା ଲାଗୁଛି । କାର୍ତ୍ତିକ ପୂର୍ଣ୍ଣିମା ସମ୍ପର୍କିତ ସମସ୍ତ କବିତା ପାଠ କରିବାକୁ ଭଲ ଲାଗିଲା ।
  – ମନୀଷା, ତିତିଷା, ଗୋହିରା, ଆନନ୍ଦପୁର
- ଖିଲି ଖିଲି ହସରେ ପ୍ରକାଶିତ ସେଲୁନ୍‌ରେ ଚୁଟି କାଟିବା କଥା ପଢି ଖୁବ୍ ହସିଲି ।
  – ଲୋପାମୁଦ୍ରା ପାତ୍ର, ବକ୍ସିବଜାର, କଟକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**

dharitrifeature@gmail.com

## ଗପ

# ଫୁଲର ହସ



ସଂଗ୍ରାମ କେଶରୀ ପୃଷ୍ଟି

**ଗୋ**ଟିଏ ଫୁଲ ବଗିଚାରେ ଫୁଟିଥିଲା ଜାତିଜାତିର ଫୁଲ । ଦରଫୁଟା ଫୁଲ କଢିଗୁଡ଼ିକ ମୁରୁକି ମୁରୁକି ହସୁଥିବା ବେଳେ ଫୁଟିଥିବା ଫୁଲ ସବୁ ଖିଲିଖିଲି ହୋଇ ହସୁଥିଲେ । ଖାଲି ହସୁ ନ ଥିଲେ ପବନରେ ଦୋଳି ବି ଖେଳୁଥିଲେ । ଛୁଟାଇ ଦେଉଥିଲେ ମହକ ।

ପେଣ୍ଠାପେଣ୍ଠା ଏଇ ଫୁଲ ସବୁକୁ ଯିଏ ଦେଖୁଥିଲା ବହୁତ ଖୁସି ହେଉଥିଲା । ଚାହିଁ ରହୁଥିଲା ଘଡ଼ିଏ । ତା' ମହକକୁ ମନଭରି ଉପଭୋଗ କରୁଥିଲା । ଆଦରରେ ଆଉଁସି ଦେଉଥିଲା ତାକୁ । ତା' କୋମଳତାକୁ ଓ ରଙ୍ଗକୁ ପ୍ରଶଂସା କରୁଥିଲା ।

ଫୁଲର ଆକର୍ଷଣକୁ ଏଡ଼ାଇ ନ ପାରି ସେ ବଗିଚାକୁ ଆସୁଥିଲା ଟିକି ଚଢେଇଟିଏ । ସେ ଗଛଡ଼ାଳରେ ବସୁଥିଲା । ଫୁଲଙ୍କୁ ଦେଖୁଥିଲା । ଆଉ ମୁରୁକି ମୁରୁକି ହସୁଥିଲା । ଦିନେ ସେ ଦେଖିଲା, ଝଡ଼ତୋଫାନ ମାଡ଼ି ଆସୁଛି । ଏଣୁ ସେ ଗଛ ଆଢୁଆଳରେ ଲୁଚି ଗଲା । । ପବନ ପୂରା ବଗିଚାଟିକୁ ଦୋହଲାଇ ଦେଲା । ହେଲେ ଏତେ ପବନ ଭିତରେ ବି ଫୁଲମାନେ ହସୁଥିଲେ । ହସୁଥିଲା ବଡ଼ ଗୋଲାପଟିଏ । ସତେ ଯେମିତି ସେ କିଛି ଜାଣିନି, କିଛି ଶୁଣିନି । କିଛି ସମୟପରେ ପବନ ତା' ବାଟରେ ଚାଲିଗଲା । ଫୁଲମାନେ ଟିକିଏ ବି ମଉଳି ନ ଯାଇ କିରିକିରି ହୋଇ ହସୁଥିଲେ । ଟିକି ଚଢେଇ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କୁ ଚାହିଁ ରହିଥାଏ ।

ଏଥର ଆସିଲା ଗୋଟେ ପ୍ରଜାପତି । ସେ ଯାଇ ଗୋଲାପଫୁଲ ଉପରେ ବସିଲା । ତା' ସହିତ ଖେଳିଲା । ପାଖୁଡ଼ାକୁ ଚୁମିଲା । ମନ ଭରିଗଲା ପରେ ଫୁର୍ କିନା ଡ଼େଣା ଝାଡ଼ି ଉଡ଼ିଗଲା । ପ୍ରଜାପତି ଚାଲିଗଲା ପରେ ମଧ୍ୟ ଫୁଲ ମନରେ ଟିକିଏ ବି ଦୁଃଖ ନ ଥିଲା । ସେ ଆଗରୁ ଯେମିତି ହସୁଥିଲା ଠିକ ସେମିତି ହସିଲା । ଦୁଃଖର ଚିହ୍ନ ସୁଦ୍ଧା ନ ଥିଲା ।

କିଛି ସମୟ ଯାଇଛି କି ନାହିଁ ଭଅଁରଟିଏ ଆସିଲା । ଟିକି ଚଢେଇ ଭାବିଲା, ଭଅଁରକୁ ଦେଖି ଏଥର ଗୋଲାପଫୁଲ ନିଶ୍ଚୟ ମନଦୁଃଖ କରିବ । କାହିଁକି ନା ସେ ତା' ଦେହରୁ ମହୁ ଶୋଷିବା ପାଇଁ ହିଁ ଆସିଛି । ତାକୁ ବାଧା ବି ଦେଇପାରେ । ହେଲେ ନା ସେମିତି କିଛି ହେଲା ନାହିଁ । ବରଂ ଫୁଲ ହସିହସି ଭଅଁରକୁ ସ୍ୱାଗତ ଜଣାଇଲା । ଭଅଁର ଆଉ ଡେରି ନ କରି ତା' ଛାତିରେ ବସି ମହୁ ଶୋଷିବାରେ ମନଦେଲା । ଫୁଲ ତାକୁ ନା ବାଧାଦେଲା, ନା ମନଦୁଃଖ କଲା । ବରଂ ସେମିତି ହସୁଥିଲା । ମନ ଭରିଗଲା ପରେ ଭଅଁର ଉଡ଼ିଗଲା ।

ଏତିକିବେଳକୁ ଜଣେ ମାଳୀ ବଗିଚାକୁ ଆସିଲା । ହାତରେ ଝୁଡ଼ିଟିଏ ଧରିଥିଲା ସେ । ଏକ୍ଷଣି ସେ ଫୁଲସବୁ ଛିଣ୍ଡେଇନେବ । ଗୋଟିଗୋଟି କରି ଝୁଡ଼ିରେ ପୂରାଇବ । ଫୁଲ ବିଚାରି ଏବେ ନିଶ୍ଚୟ କାନ୍ଦିବ, ଲୁହ ଗଡ଼ାଇବ ।


ଏକଥା ଭାବି ଟିକି ଚଢେଇ ମନଦୁଃଖ କଲା । ହେଲେ ଏ କ'ଣ ? ମାଳୀକୁ ଦେଖି ଗୋଲାପ ଫୁଲର ସେମିତି କିଛି ହେଲା ନାହିଁ । ସେ ଆଗପରି ହସିବାକୁ ଲାଗିଲା ।

ଗୋଲାପଫୁଲର ଏ ଆଚରଣ ଟିକି ଚଢେଇକୁ ବଡ଼ ବିଚିତ୍ର ଲାଗିଲା । ଆଖି ଆଗରେ ଗୋଟିଏ ପରେ ଗୋଟିଏ ବିପଦକୁ ଦେଖୁଥିଲେ ବି ଫୁଲ ହସୁଥିଲା ଆଉ ହସଉଥିଲା । ଜମାରୁ ମନ ଦୁଃଖ କରୁ ନ ଥିଲା । ଏହାର ରହସ୍ୟ ସମ୍ପର୍କରେ ଜାଣିବାକୁ ଟିକି ଚଢେଇର ମନବଳିଲା । ତେଣୁ ସେ ମୁହଁ ଖୋଲି ଗୋଲାପକୁ ଏକଥା ପଚାରିଲା ।

ମୁହଁରେ ସେମିତି ହସ ଫୁଟାଇ ଗୋଲାପ ଫୁଲ ଉତ୍ତର ଦେଲା– 'ଆଲୋ ନାନୀ, କ'ଣ ଯେ କହିବି ! ମୁଁ ଜାଣିନି ମଶାଣିକୁ ଯିବି ନା ଦେଉଳକୁ ଯିବି । ଶବ ଉପରେ ପଡିବି ନା ଦିଅଁଙ୍କ ମୁଣ୍ଡରେ ଚଢିବି । ଭବିଷ୍ୟକୁ କି ଭରସା ଯେ ! ତେବେ ମୁଁ ଖାଲି ଗୋଟିଏ କଥା ଜାଣିଛି, ବଞ୍ଚିଥିବା ଯାଏଁ ହସୁଥିବି ଓ ଅନ୍ୟକୁ ହସଉଥିବି । ନିଜ ମହକରେ ଅନ୍ୟକୁ ମହକଉ ଥିବି । ଏଥିରେ ହିଁ ମୋ ଜୀବନ ସାର୍ଥକ ହେବ ।

ଫୁଲର କଥା ଶୁଣି ଖୁବ୍ ଖୁସିଥିଲା ଟିକି ଚଢେଇ । ଏତେବେଳେ ଯାଇ ସେ ବୁଝିପାରିଲା, ଫୁଲ ହସର କାରଣ । ତା' ହେଲେ ସେ ବା କାହିଁକି ନ ହସିବ ଯେ ! ଏଣୁ ସେ ଫିକ୍‌କିନା ହସିଦେଇ ଫୁର୍ କିନା ଉଡ଼ିଗଲା ।

– ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋର ନଗର, ଅନୁଗୋଳ, ମୋ: ୯୪୩୭୫୪୭୧୪୬



ବିନ୍ଦୁ ଯୋଡ଼

## ଖିଲିଖିଲି ହସ

ପିତା: ପୁଅ ଜାଣିଲୁ, ବୁଦ୍ଧିମାନ ଲୋକ ମୂର୍ଖ ଲୋକଙ୍କ କଥା ଶୁଣି, ଉତ୍ତର ନ ଦେଇ କେବଳ ହସି ଦେବା କଥା ।
ପୁଅ: ହଁ ବାପା, ଏଥିପାଇଁ ତ ମୁଁ ପରୀକ୍ଷା ପ୍ରଶ୍ନ ପଢ଼ି ଉତ୍ତର ନଦେଇ ହସିକି ପଳାଇ ଆସିଲି ।

ମା' ପୁଅକୁ କହିଲା–ପୁଅ ଏମିତି କିଛି କାମ କରନା ଯେଉଁଥିପାଇଁ ମାଡ ଖାଇବୁ ?
ପୁଅ: ମା' ମୁଁ ସ୍କୁଲ୍ ଯିବିନି ।
ମା: କାହିଁକି ?
ପୁଅ: ମା' ମୁଁ ମୋ ହୋମଓ୍ୱାର୍କ କରିନି, ସେଠି ସାର୍ ମୋତେ ବାଡ଼େଇବେ ।

ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥାବାର୍ତ୍ତା
ସ୍ତ୍ରୀ: ମୋ ପାଇଁ ଜନ୍ମଦିନରେ ଭଲ ଶାଢ଼ି ଆଣି ଦେବ ।
ସ୍ୱାମୀ: ତୁମର ପରା ଆଲମାରିରେ କେତେ ନୂଆ ଶାଢ଼ି ଅଛି ।
ସ୍ତ୍ରୀ: ସବୁ ଶାଢ଼ି ପଡିଶା ଲୋକ ଦେଖି ସାରିଲେଣି ।
ସ୍ୱାମୀ: ତେବେ ଗୋଟିଏ କାମ କରିବା ଶାଢ଼ି ନୂଆ ନ କିଣି ଚାଲ ଘର ବଦଳାଇ ଦେବା ।




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସ୍କୁଲ ସ୍କୁଲ

# ଏନ୍‌ଆର୍‌ଆଇ ଇଣ୍ଟରନ୍ୟାଶନାଲ ସ୍କୁଲ

## ଆରଡିଛକ, ଭଦ୍ରକ

ଏକ ପ୍ରାକୃତିକ ପରିବେଶରେ ଭଦ୍ରକର ଆରଡି ଛକରେ ଅବସ୍ଥିତ ଏନ୍‌ଆରଆଇ ଇଣ୍ଟରନ୍ୟାଶନାଲ ସ୍କୁଲ। ୨୦୧୬ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ସିବିଏସ୍‌ଇ ଦ୍ୱାରା ଅନୁବନ୍ଧିତ। ଏହି ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନ ସାଙ୍ଗକୁ ଶିଶୁର ସର୍ବାଙ୍ଗୀନ ଉନ୍ନତି ପ୍ରତି ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ତା' ସହ ଛାତ୍ରୀଛାତ୍ର ମାନେ ପାଠପଢା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ପ୍ରତି ଶ୍ରେଣୀଗୃହରେ ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା, ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍, ଆର୍ଟ କ୍ରାଫ୍ଟ, ସଙ୍ଗୀତ ଓ ଲାଇବ୍ରେରୀର ସୁବିଧା ରହିଛି ଏଠାରେ। ବହୁ ମେଧାବୀ ଛାତ୍ରୀଛାତ୍ର ସ୍କୁଲ, ଆନ୍ତଃସ୍କୁଲ ଓ ଜିଲା ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ସ୍କୁଲର ସମ୍ମାନ ବଢାଇଛନ୍ତି। ସ୍କୁଲରେ ଶୃଙ୍ଖଳିତ ଆଚରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି କୁହନ୍ତି ସ୍କୁଲର ଡାଇରେକ୍ଟର ନରେନ୍ଦ୍ର ପ୍ରସାଦ ସାହୁ। ପ୍ରତିବର୍ଷ ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡା, ବିଭିନ୍ନ ପୂଜା, ବିଜ୍ଞାନ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ।

ରିପୋର୍ଟ: ବିଭୁପ୍ରସାଦ ବେହେରା

## ପ୍ରତିଭା

**୧.ବିଦ୍ୟାଧର ସାହୁ (୯ମ)– ଜଣେ ମେଧାବୀ ଛାତ୍ର ଭାବେ ସର୍ବଦା** ପାଠପଢାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି।

**୨.ନେହା ଡିଡିୱାନିଆ (୯ମ)–** ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି।

**୩. ପ୍ରଭୁପାଦ ବରେଣ୍ୟ ବାରିକ (୯ମ)–** ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

**୪. ସ୍ୱାଗତିକା ସ୍ୱାଇ (୮ମ)–** ଆନ୍ତଃ ସ୍କୁଲ ଏବଂ ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

**୫. ସମିମ୍ କାଦିର୍ (୭ମ ଶ୍ରେଣୀ)–** ବିଦ୍ୟାଳୟ ଓ ଜିଲାସ୍ତରୀୟ ଚିତ୍ର ଏବଂ ଚାରୁକଳାରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି।






### ସଂକ୍ଷେପରେ...

**ସ୍ଥାପିତ–** ୨୦୧୬ ମସିହା
**ଶ୍ରେଣୀ–** ନର୍ସରୀରୁ ନବମ
**ପାଠ୍ୟକ୍ରମ–** ସିବିଏସ୍‌ଇ ଅନୁବନ୍ଧିତ
**ବିଦ୍ୟାର୍ଥୀ ସଂଖ୍ୟା–** ୫୦୦
**ଶିକ୍ଷୟିତ୍ରୀ ଶିକ୍ଷକ–** ୨୫
**ପ୍ରମୁଖ ଭାଷା–** ହିନ୍ଦୀ, ଇଂଲିଶ, ଓଡିଆ, ସଂସ୍କୃତ
**ହଷ୍ଟେଲ–** ଛାତ୍ରୀଛାତ୍ରଙ୍କ ଲାଗି ହଷ୍ଟେଲ ରହିଛି।



ପ୍ରିନ୍ସିପଲ– ନିତ୍ୟାନନ୍ଦ ଜେନା




ଶିଶୁ ଦିବସ ଅବସରରେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



ବିଜ୍ଞାନମେଳାରେ ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ।



ସ୍ୱାଧୀନତା ଦିବସ ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ ପ୍ରଦର୍ଶନ କରାଯାଉଛି।

୧

**ଆଶୁତୋଷ ସ୍ୱାଇଁ**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

**ଆଦ୍ୟାଶା ପାଢୀ**
କ୍ଲାସ-୩, ବିଜେଇମ୍ -୨, ଭୁବନେଶ୍ୱର

୨

୩

**ଭୂମିସୁତା ମହାରଣା**
କ୍ଲାସ- ୩, କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝର

**ଭବାଂଶୀ ହୋତା**
କ୍ଲାସ-୩, ସାରସ୍ୱତ ବାଲ୍ ମନ୍ଦିର,ଜୟପୁର, କୋରାପୁଟ


୪

୫

**ଦିବ୍ୟରଞ୍ଜନ ଘଡେଇ**
କ୍ଲାସ - ୮, ଏସ୍.ଏନ୍.ହାଇସ୍କୁଲ, ଅଲଣା, ଜଗତ୍‌ସିଂହପୁର

**ମନସ୍ୱିନୀ ସାହୁ**
କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ

୬

୭

**ବି.ସୌମ୍ୟ ସିଦ୍ଧାର୍ଥ**
କ୍ଲାସ-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋତାପୋଖରୀ, କଟକ

**ରିଦ୍ଧିକ୍ ଆଚାର୍ଯ୍ୟ**
କ୍ଲାସ -୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍, ଭୁବନେଶ୍ୱର


୮

୯

**ନିଖିଳେଶ ମହାନ୍ତି**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍ -୮, ନୟାପଲ୍ଲୀ, ଭୁବନେଶ୍ୱର


**ଶ୍ରେୟାଂଶୁ ହୋତା**
କ୍ଲାସ-୧, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର, କୋରାପୁଟ

୧୦


୧




୨


୩



୪


୫


୬


୭


୮


୯


୧୦

କବିତା


# କସ୍ତୁରୀ



ଝିଅ ବୋଲି ମୋତେ ନ ମଣ ପର
ଝିଅ ନୁହେଁ ମୁଁ ଖଣ୍ଡିଏ ହୀରା
ପୁଅମାନଙ୍କଠୁ ନୁହେଁ ମୁଁ ହୀନ
ରଖିବି ଏ ଦେଶ ଜାତିର ମାନ।
ଶିକ୍ଷାର ପ୍ରଦୀପ ଜଳାଇ ଦେବି
ରୋଗୀଙ୍କର ସେବା କରି ପାରିବି।
ପୋଲିସ ହୋଇ ମୁଁ ଶାନ୍ତି ରଖିବି
ଫଉଜ ହୋଇ ମୁଁ ଯୁଝି ପାରିବି।
ଯନ୍ତ୍ରୀ ହୋଇ ଯନ୍ତ୍ର ଗଢିବି କେତେ
ଆକାଶେ ଉଡିବି ପକ୍ଷୀର ସାଥେ।
ବିଜ୍ଞାନକୁ ଅଗ୍ରଗାମୀ କରିବି
ସମାଜ ସେବା ମୁଁ କରିପାରିବି।
ଶାସକ ଦଳର ସାମ୍ରାଜ୍ଞୀ ହେବି
ସେତୁ ସଉଧ ମୁଁ ଗଢିପାରିବି।
ଚଉରା ମୂଳରେ ଜାଳିବି ଦୀପ
ସବୁ ପରେ ହେବି ମାଆର ରୂପ।
କେଉଁ କାମେ ନ୍ୟୂନ ହେଲି ମୁଁ ଅବା
ମୁଁ ହିଁ କରିବି ତୁମରି ସେବା।
ମୋତେ ଯେବେ ତୁମେ ନେବ ଆଦରି
ମହକାଇ ଦେବି ମୁଁ କସ୍ତୁରୀ।

**–ସୁବାସିନୀ ଦାଶ,** ସମେଇ ଗାଡିଆ
ଭୁବନେଶ୍ୱର

# ଶୀତ ଆମ ମିତ



ଥିରିଥିରି ବହେ ଶୀତୁଆ ପବନ
ଧରାକୁ ଶୀତ ଆସିଲାଣି,
ଚୁପ୍‌ଚାପ୍ ଝରି ଶିଶିର ଟୋପାଟି
ଶୀତ ପାଇଁ ଗୀତ ଗାଇଲାଣି,
ଶୀତୁଆ ପବନେ ସୋରିଷ ଫୁଲଟି
ନଇ ପଠାଧାରେ ଖେଳେ ଦୋଳି,
କଅଁଳ ଖରାର ସୁନେଲି କିରଣେ
ଦିଶୁଥାଏ ମନଲୋଭା ଭାରି,
ବାଡ଼ି ବଗିଚା ହସି ଉଠିଲାଣି
ଜାତି ଜାତି ଫୁଲ ମହକରେ,
ଗହୀର ମଥାରେ ସୁନା ଧାନ ଦେଖି
ଚଷା ମନ ନାଚେ ଆନନ୍ଦରେ,
ଶୀତ ଆଣିଅଛି ଡଙ୍ଗାଭସା ସାଥେ
ଦୀପାବଳି ବାଲିଯାତରା,
ପୁରଠାରୁ ପଲ୍ଲୀ ଗହଳ ଚହଳ
ବସିଛି ଖୁସିର ପସରା,
ହାଟ ବଜାରରେ ସବୁଜ ପରିବା
ମିଳେ କେତେ ତାଜା ତାଜା,
ଶୀତ ଆମ ମିତ ଆସି ଗଲେ
ସେ ତ ଲାଗଇ ଭାରି ମଜା।

**–ରଶ୍ମିତା ସେଠୀ,** ହଳଦୀପଦା
କଲ୍ୟାଣପୁର ଖୋର୍ଦ୍ଧା

# ସଙ୍ଗୀତ ନିଶାରେ ସ୍ୱୟମ୍



ଶିଶୁ ପ୍ରତିଭା

ସେ ବୁଝନ୍ତି କେବଳ ସଙ୍ଗୀତର ଭାଷା। ସ୍ୱରର ସାରେଗାମା....ତାଙ୍କୁ ଦିଏ ଆନନ୍ଦ। ପାଠ ପଢା, ଖେଳକୁଦ ସହ ସଙ୍ଗୀତକୁ ନିଜର ସାଧନା ଭାବେ ଗ୍ରହଣ କରିଥିବା ଏହି ପ୍ରତିଭା ଜଣକ ହେଉଛନ୍ତି ସ୍ୱୟମ୍ ବେହେରା। ଭୁବନେଶ୍ୱର ଲୟୋଲା ସ୍କୁଲର ଷ୍ଟାଣ୍ଡାର୍ଡ ୬ର ଛାତ୍ର ସ୍ୱୟମ୍ ମାତ୍ର ୭ ବର୍ଷ ବୟସରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଗୁରୁ ଧୃତିମୟ ବେହେରାଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତ ଶିକ୍ଷା ଲାଭ କରୁଥିବା ସ୍ୱୟମ୍ ବର୍ତ୍ତମାନ ୩ୟ ବର୍ଷର ଛାତ୍ର। ସଙ୍ଗୀତର ସ୍ୱର, ଲୟ ଓ ତାଳକୁ ଠିକ୍ ଭାବେ ବୁଝି ତାକୁ ନିଜ ଗୀତ ମାଧ୍ୟମରେ ଅତି ସୁନ୍ଦର ଭାବେ ସେ ପରିପ୍ରକାଶ କରିପାରନ୍ତି। ପ୍ରତିବର୍ଷ ସ୍କୁଲର ବାର୍ଷିକ ଉତ୍ସବ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ସଙ୍ଗୀତ ପରିବେଷଣ ଶ୍ରୋତାଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇଥାଏ। କେବଳ ସେତିକି ନୁହେଁ ସ୍ୱୟମ୍ ଏଯାବତ୍ ଅନେକ ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ନିଜର ପେଜ୍ ଜରିଆରେ ପୋଷ୍ଟକରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଏହାବ୍ୟତୀତ ସେ ବିଭିନ୍ନ ସଙ୍ଗୀତ ଭିତ୍ତିକ ରିୟାଲିଟି ଶୋରେ ଅଂଶଗ୍ରହଣ କରିବା ସହ ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ମାତା ରାଜଲକ୍ଷ୍ମୀ ବେହେରା ଏବଂ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିବା ପିତା ରଞ୍ଜନ କୁମାର ବେହେରାଙ୍କ ପୁତ୍ର ସ୍ୱୟମ୍ କେବଳ ସଙ୍ଗୀତ ସହିତ କ୍ରିକେଟ ଏବଂ ଫୁଟବଲ ଖେଳରେ ମଧ୍ୟ ରୁଚି ରଖନ୍ତି। ତେବେ ଭବିଷ୍ୟତରେ ଜଣେ ପ୍ରଚ୍ଛଦପଟ ଗାୟକ ହେବା ସହ ଅଟୋମୋବାଇଲ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି ଉଦୀୟମାନ ପ୍ରତିଭା ।


**–ଲିପ୍‌ସା ବିଶୋଇ**

# କହିଲ ଦେଖି

୧–ଭୂତ ନୁହେଁ ଆସି ଦେହଟି ଥରେ
ଫୁଲ, ଫଳ, ଶସ୍ୟକ୍ଷେତରେ ଭରେ
ସାଥେ ଆଣେ ଜାନିଯାତ କେତେ
ଯିଏ ଆସି ନବ ବରଷ ଆସଇ
ହରଷ ହୁଅଇ ଚିତ୍ତ।

**ଉତ୍ତର : ଶୀତଋତୁ**





୨–ବଟିକା ନୁହେଁ ସେ ପତରଟିଏ
ନାନା ରୋଗ ବ୍ୟାଧି ଦୂରେଇ ଦିଏ
ବିଷ୍ଣୁଙ୍କର ଅତିପ୍ରିୟ
ଅମ୍ଳଜାନ ଦେଇ ସୁସ୍ଥ ରଖିଥାଏ
ଏ ଗଛ ଲଗେଇ ଦିଅ
କି ପତର ଦେଖି କୁହ ?

**ଉତ୍ତର : ତୁଳସୀ**

୩– ଦେହରେ ଆମର ସତୁରି ଭାଗ
ବଞ୍ଚିବାକୁ ସିଏ ଲୋଡା ତ ଆଗ
ମାଟି ତଳେ ତଳେ ଥାଏ
ଖାଦ୍ୟଠାରୁ ଯିଏ ଅତି ଦରକାରୀ
ଇଏବି ବିଜୁଳି ଦିଏ।


**ଉତ୍ତର : ଜଳ**

# କମ୍ପ୍ୟୁଟର ଏବଂ ଇଣ୍ଟର୍ନେଟ ସହ ଜଡିତ ଏହି ଟର୍ମଗୁଡିକର ପୂର୍ଣ୍ଣ ନାମ କ'ଣ ?



CPU------------------
RAM------------------
ROM------------------
DOS------------------
HTTP------------------
HTML------------------
UPS------------------
WIFI------------------
WWW------------------
GB------------------
MS------------------

# ରଙ୍ଗ ଦିଅ




# ତୁମ ପଢିବା ପାଇଁ




**ଭଲ ମଣିଷ :** ଶିଶୁ କବିତା ସଙ୍କଳନ 'ଭଲ ମଣିଷ'ରେ ରହିଛି ହେ ପ୍ରଭୁ, ଭାରତ, ଇନ୍ଦ୍ରଧନୁ, ଗଛ ଲଗାଇବା ଆସ, ଓଡିଆ, ବଳଦର ନାଁ ସାଲୁ, ଝିଅ ହୋଇ ମୁହିଁ, ଶପଥ କରିବା ଆସ , ଫଗୁଣ ଆସିଛି ଭଳି ଅନେକ ଶିକ୍ଷଣୀୟ କବିତା। ପ୍ରତାପ ମହନ୍ତଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ରହିଛି ୧୦ ଟଙ୍କା।

**ଯୋଗାଯୋଗ –**
ପ୍ରତାପ ମହନ୍ତ, ଗୁରୁସ୍ୱାମୀ ନଗର, ଘଟଗାଁ, କେନ୍ଦୁଝର




# ସୂର୍ଯ୍ୟଙ୍କୁ ନିମନ୍ତ୍ରଣ

ପୂର୍ବ ଆକାଶରେ ଉଦିତ ସୂର୍ଯ୍ୟ ଠିକ୍ ପାଚିଲା କମଳା ବର୍ଣ୍ଣ ଧାରଣ କରିଥାନ୍ତି, ସତେ ଅବା ଆକାଶର ଏକ ଫଳ! ଏପରି ଏକ ଭୋରବେଳାରେ ପବନ ସୁତ ହନୁମାନ ମା'ଙ୍କୁ ମାଗିଲେ ମାଆ ଖାଇବାକୁ ଦିଅ।

– ଆରେ ପୋଡ଼ି ଯାଉ ତୋର ପେଟ। ସକାଳ ହେଇନି, କ'ଣ ନା ଖାଇବାକୁ ଦିଅ। ଯାଉନୁ ସେଇ ଗୋଲାକାର ପାଚିଲା ଫଳକୁ ଖାଇବୁ!

ମାଆଙ୍କ ବଚନ ଶୁଣିବା ମାତ୍ରେ କ୍ଷୁଧାର ତାଡ଼ନା ଆଉ ପାଚିର ଲାଳସା ସହ୍ୟ କରି ନ ପାରି ହନୁମାନ ଲମ୍ଫ ପ୍ରଦାନ କଲେ, କମଳା ବର୍ଣ୍ଣଧାରୀ ସୂର୍ଯ୍ୟଙ୍କୁ ଉଦରସ୍ଥ କରିବା ପାଇଁ।

ଉପରୋକ୍ତ ଗଳ୍ପଟି ରାମାୟଣରେ ବର୍ଣ୍ଣିତ। ଭଗବାନଙ୍କ କକ୍ଷେ ସୂର୍ଯ୍ୟଙ୍କୁ ହାତେଇବା ସମ୍ଭବ ହୋଇପାରେ, ମାତ୍ର ମାନବ ପକ୍ଷରେ ଏହା ଅସମ୍ଭବ ମନେହୁଏ। ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କ ତାପମାତ୍ରା ୪୫° ଡେଇଁଲେ ମାନବ ତଥା ସମଗ୍ର ଜୀବଜନ୍ତୁଙ୍କର ଅବସ୍ଥା ଦୟନୀୟ ହୋଇଯାଏ, ଯାହା ସହଜେ ଅନୁମେୟ। ଏହାଠାରୁ ତାପମାତ୍ରା ସାମାନ୍ୟ ବୃଦ୍ଧି ଘଟିଲେ ପୃଥିବୀର ଜୀବନ ସତ୍ତା ବିଲୁପ୍ତ ହେବା ନିଶ୍ଚିତ ମନେହୁଏ। ସୂର୍ଯ୍ୟଙ୍କ ଭୂତ୍ୱକର ତାମପାତ୍ରା ପ୍ରାୟ ୨ କୋଟି ଡିଗ୍ରୀ ସେଲସିୟସ ହୋଇଥିବାବେଳେ ବାହ୍ୟ ପରିବେଷ୍ଟନି କରୋନାର ଉତ୍ତାପ ପ୍ରାୟ ୬ ହଜାର ଡିଗ୍ରୀ ସେଲସିୟସ, ତେଣୁ ସୂର୍ଯ୍ୟଙ୍କ ପ୍ରଖର ତେଜ ଆଉ ତାପମାତ୍ରାକୁ ଭେଦ କରି ତାଙ୍କ ନିକଟବର୍ତ୍ତୀ ହେବା ପାଇଁ ମାନବ ପକ୍ଷେ ଦୁର୍ଭେଦ୍ୟ ଥିଲା ସହସ୍ର ବର୍ଷ ଧରି।

ସାଧାରଣ ଲୋକଙ୍କ କର୍ଣ୍ଣକୁ ଅବିଶ୍ୱାସ ମନେହେଉଥିଲେ ମଧ୍ୟ ଚଳିତବର୍ଷ ଅଗଷ୍ଟ ୧୨ ତାରିଖ ଦିନ ସବୁ କଳ୍ପନାର ଅନ୍ତ ଘଟାଇ ଫ୍ଲୋରିଡା କେପ କାନାଭେରାଲ ମହାକାଶ ଉତ୍କ୍ଷେପଣ ଘାଟିରୁ ନାସାର ବୈଜ୍ଞାନିକମାନେ 'ପାର୍କର ସୌର ଗବେଷଣା ଯାନ' (PARKER SOLAR PROBE MISSION)କୁ ସକଳ ଶକ୍ତିର ଅଧାର ଏବଂ ସୌର ଜଗତର ନିୟନ୍ତ୍ରକ ସୂର୍ଯ୍ୟଙ୍କ ନିକଟକୁ ଉତ୍କ୍ଷେପଣ କରିଛନ୍ତି, ଯାହା ନକ୍ଷତ୍ର ନିକଟକୁ ମାନବର ପ୍ରଥମ ଯାନ ପ୍ରେରଣର ମାନ୍ୟତା ଲାଭ କରିଛି।

୧୯୫୦ ଦଶକରେ ସୌର ଝଡ଼ ଏବଂ ଚୁମ୍ବକୀୟ କୁଣ୍ଡଳୀ ସମ୍ପର୍କରେ ପ୍ରଥମ କରି ସୂଚନା ପ୍ରଦାନ କରିଥିବା ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ୟୁଜିନ ପାର୍କରଙ୍କ ନାମାନୁସାରେ ନାସା, ସୌର ବାୟୁ ଏବଂ ସୌର ଝଡ଼ ଉପରେ ଗବେଷଣା ଯାନର ନାମ ରଖିଛି 'ପାର୍କର'। ଜଣେ ଜୀବିତ ବୈଜ୍ଞାନିକଙ୍କ ସମ୍ମାନାର୍ଥେ ନାସାର ଏପରି ନାମକରଣ ମଧ୍ୟ ପ୍ରଥମ।

ଦେଖିବାକୁ ଚାରି ଚକିଆ ମୋଟର ଗାଡି ଆକୃତିର ପାର୍କର ଯାନର ବାହ୍ୟ ଅଂଶ ଉଚ୍ଚ ତାପ ସହ୍ୟ ସମ୍ପୂର୍ଣ୍ଣ ଟିଟାନିୟମ, ଜିରକନିୟମ ଧାତୁରେ ଗଠିତ। ଯଦିଓ ଉକ୍ତ ଯାନର ଗଳନାଙ୍କ ସୂର୍ଯ୍ୟଙ୍କ ତାପମାତ୍ରାଠାରୁ ଅଧିକ, ମାତ୍ର ଏହାର ଗତିପଥକୁ ସିଧାସଳଖ ସୌରମଣ୍ଡଳ ଅନ୍ତକରଣକୁ ପ୍ରବେଶ କରିବାରୁ ନିବୃତ୍ତ କରାଯାଇଛି। ଯାନଟି ସ୍ୱଳ୍ପ ସମୟ ପାଇଁ ଶୁକ୍ର ଏବଂ ପରେ ବୁଧଙ୍କ ବାୟୁମଣ୍ଡଳ ପରିକ୍ରମା କରି ଧୀରେ ଧୀରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହେବ।

ସୂର୍ଯ୍ୟଙ୍କ ପୃଷ୍ଠରେ ସୃଷ୍ଟି ହେଉଥିବା ସୌର ଝଡ଼ ଆମ ପୃଥିବୀ ତଥା ସୌର ମଣ୍ଡଳର ଅନ୍ୟାନ୍ୟ ଗ୍ରହ ଉପରେ କୁପ୍ରଭାବ ପକାଇଥାଏ। ସୌର ଝଡ଼ ପ୍ରଭାବରେ ପୃଥିବୀର ଚୁମ୍ବକୀୟ ବଳୟ ମଧ୍ୟ ପ୍ରଭାବିତ ହୁଏ, ଫଳରେ ଯୋଗାଯୋଗ ତଥା ଖଗୋଳିୟ ସୂଚନାର୍ଥେ କାର୍ଯ୍ୟ କରୁଥିବା କୃତ୍ରିମ ଉପଗ୍ରହର ବାର୍ତ୍ତା ପ୍ରେରଣରେ ବାଧା ଉପୁଜେ ଏବଂ ଯୋଗାଯୋଗ ବିଚ୍ଛିନ୍ନ ହୁଏ।

ସୌର ଝଡ଼ ସୃଷ୍ଟି ସମ୍ପର୍କରେ ଆଗୁଆ ତଥ୍ୟ ହାସଲ ହୋଇପାରିଲେ, କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଏବଂ ଉପଗ୍ରହ ଅଞ୍ଚଳକୁ ରୋକାଯାଇପାରିବ, ଯାହା କି ହାସଲ କରିବା ମାନବବିହୀନ ପାର୍କର ପ୍ରୋବର ପ୍ରାଥମିକ ଲକ୍ଷ୍ୟ।

ଏଥର ପାର୍କର ପ୍ରୋବର ଲକ୍ଷ୍ୟ ହାସଲ ହେଉ କି ନ ହେଉ, ବିଜ୍ଞାନର ଅଗ୍ରଗତି ସୂଚନା ଦିଏ, ହନୁମାନଙ୍କ ପରେ ମାନବର ସୂର୍ଯ୍ୟଙ୍କୁ ଛୁଇଁବାର ଅଭିଳାଷ ଯେ, ଦିନେ ପୂର୍ଣ୍ଣ ହେବ ଏଥିରେ ଦ୍ୱିମତ ନାହିଁ।

– **ପ୍ରଶାନ୍ତ କୁମାନ ମିଶ୍ର**
*ଅଧାପକ ଭୂତତ୍ତ୍ୱ ବିଜ୍ଞାନ*
*ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ*

# ଜଣା ଅଜଣା

ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡଠାରେ ଏକ ବିରଳ ପ୍ରଜାତିର ଝିଣ୍ଟିକା ଦେଖାଯାଏ ଯାହାର ରଙ୍ଗ ଗୋଲାପି। ଜେନେଟିକ ମ୍ୟୁଟେଶନ୍ ହେତୁ ଝିଣ୍ଟିକା ଏଭଳି ରଙ୍ଗ ଧାରଣ କରିଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି।






କୁତୁବ୍ ମିନାର ହେଉଛି ଇଟାରେ ନିର୍ମିତ ପୃଥିବୀର ଉଚ୍ଚତମ ମିନାର ମଧ୍ୟରୁ ଗୋଟିଏ। ୧୧୯୨ମସିହାରେ ଏହାର ନିର୍ମାଣ କାର୍ଯ୍ୟ କୁତବୁଦ୍ଦିନ ଆଇବାକ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଇଲ୍‌ତୁତ୍‌ମିସ୍‌ଙ୍କ ଦ୍ୱାରା ଶେଷ ହୋଇଥିଲା।

ସୌରମଣ୍ଡଳରେ ଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯାହାର ବାୟୁମଣ୍ଡଳରେ ୨୧ ପ୍ରତିଶତ ଅମ୍ଳଜାନ ରହିଛି। ଅମ୍ଳଜାନ ଏବଂ ଜଳର ଉପସ୍ଥିତି ଯୋଗୁ ଏଠାରେ ଜୀବନକ୍ରିୟା ସମ୍ଭବ ହୋଇପାରିଛି।





ପୃଥିବୀର ସର୍ବପ୍ରଥମ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଡିଜିଟାଲ କମ୍ପ୍ୟୁଟର ହେଉଛି 'ଏନିଆକ୍'। ୨୭ ଟନ୍ ଓଜନ ବିଶିଷ୍ଟ ଏହି କମ୍ପ୍ୟୁଟରକୁ ନିର୍ମାଣ କରିଥିଲେ ଜେ.ପ୍ରସ୍‌ପର୍ ଏକେର୍ଟ ଏବଂ ଜନ୍ ମୌଚ୍‌ଲି।

୧୮୫୩ ମସିହା ଏପ୍ରିଲ ୧୬ରେ ଭାରତରେ ସର୍ବପ୍ରଥମ ପାସେଞ୍ଜର ଟ୍ରେନ ଚଳାଚଳ ମୁମ୍ବାଇ ଏବଂ ଠାଣେ ମଧ୍ୟରେ ଆରମ୍ଭ ହୋଇଥିଲା। ୩୩.୮ କିମି ଦୂରତା ଅତିକ୍ରମ କରିଥିବା ଏହି ଟ୍ରେନ୍‌ଟିରେ ମୋଟ ୪୦୦ ଯାତ୍ରୀ ଯାତ୍ରା କରିବାର ସୁବିଧା ରହିଥିଲା।





ମେରି କ୍ୟୁରି ପ୍ରଥମ ମହିଳା ନୋବେଲ ପୁରସ୍କାର ବିଜୟିନୀ। ଯିଏକି ଉଭୟ ପଦାର୍ଥ ଏବଂ ରସାୟନ ବିଜ୍ଞାନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଅବଦାନ ଲାଗି ଦୁଇଥର ନୋବେଲ ପୁରସ୍କାରର ଅଧିକାରିଣୀ ହୋଇଥିଲେ।

# ଆଇନା



ଲଗ୍ନଜିତ୍

୮ ବର୍ଷ




ସ୍ୱୀକୃତି

୫ ବର୍ଷ



ସ୍ନେହା

୫ ବର୍ଷ